ଗବେଷଣା ଚକ୍ର
GABESHANA CHAKRA
Regd. No. 21719/153 0f 2003-04
*A research and support initiative of scholars and social workers*
34, Laxmi Vihar, Po-Sainik School, Bhubaneswar -751005, Odisha. E:mail: gabeshanachakra@gmail.com

**President**
*Prof.Bijaya Kumar Bohidar*
Tel: +91 9937972470
E-mail: bijaya.bohidar@gmail.com

**Secretary**
*Prof. Gyana ranjan Swain*
Tel: +91 9437147640
E-mail: gyanaranjanswain@gmail.com

# ଗବେଷଣା ଚକ୍ରର୍ ୩୦ତମ ବାର୍ଷିକ ଅଧିବେଶନ

## ପ୍ରସଙ୍ଗ : ଓଡ଼ିଶାରେ୍ ଅସମାନତା ଜନିତ ସମସ୍ୟା

ମହାଶୟ/ମହାଶୟା,

ପ୍ରିୟ ସାଥୀ! ନମସ୍କାର ଓ ଅଭିନନ୍ଦନ । ଆପଣ ଜାଣି ଖୁସି ହେବେ ଯେ, ଆସନ୍ତା **ଜାନୁଆରୀ ମାସ ୨୨ ଓ ୨୩ ତାରିଖ**ରେ ଗବେଷଣାଚକ୍ରର ୩୦ତମ ବାର୍ଷିକ ଅଧିବେଶନ, **"ଓଡ଼ିଶାରେ ଅସମାନତା ଜନିତ ସମସ୍ୟା" ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପୁରୀ**ଠାରେ ହେବାକୁ ଯାଉଅଛି । ପୂର୍ବରୁ ଗବେଷଣାଚକ୍ର ଆନୁକୂଲ୍ୟରେ ଓଡ଼ିଶାର ଅର୍ଥନୀତି, ରାଜନୀତି, କୃଷି, ଖଣି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, ନାରୀ, ଦଳିତ ଓ ଆଦିବାସୀମାନଙ୍କର ସମସ୍ୟା ଓ ସମତାପନ୍ନ ସମାଜ ଗଠନ ଦିଗରେ ସଚେତନତା ସୃଷ୍ଟି କରିବା ସହ ଓଡ଼ିଶା ସମ୍ବନ୍ଧୀୟ ଗବେଷଣା ପ୍ରକ୍ରିୟାକୁ ଅଧିକ ସମୃଦ୍ଧ କରିବାପାଇଁ ବହୁ ଆଲୋଚନାଚକ୍ରର ଆୟୋଜନ କରାଯାଇଛି । ଏଥିରେ ଗବେଷକ, ଶିକ୍ଷକ, ସମାଜକର୍ମୀ ତଥା ଚିନ୍ତାଶୀଳ ବ୍ୟକ୍ତିମାନେ ଓଡ଼ିଶା ତଥା ଓଡ଼ିଶା ବାହାରୁ ଯୋଗ ଦେଇଆସୁଛନ୍ତି । କୋଭିଡ୍ ମହାମାରୀ ସମୟରେ ମଧ୍ୟ ଆମେ ଆଭାସିକ (ଅନ୍‌ଲାଇନ୍) ଆଲୋଚନା ଚକ୍ରର ଆୟୋଜନ କରିଥିଲୁ । କିନ୍ତୁ ୩୦ତମ ବାର୍ଷିକ ଅଧିବେଶନରେ ଆପଣମାନଙ୍କ ଉପସ୍ଥିତି ଆଶା କରୁଛୁ ।

ଏହି ବାର୍ଷିକ ଅଧିବେଶନରେ ଯେଉଁମାନେ ଯୋଗ ଦେବାକୁ ଇଚ୍ଛୁକ ସେମାନଙ୍କୁ ପାଞ୍ଚଶହ ଟଙ୍କା ପଞ୍ଜୀକରଣ ଦେୟ ଦାଖଲ କରିବାକୁ ଅନୁରୋଧ । ଯେଉଁ ଛାତ୍ରଛାତ୍ରୀ ଓ ସମାଜକର୍ମୀ ଆର୍ଥିକ କ୍ଷେତ୍ରରେ ଦୁର୍ବଳ ସେମାନଙ୍କ ପାଇଁ ଏହି ବ୍ୟବସ୍ଥା ଲାଗୁ ହେବ ନାହିଁ । ଅଂଶଗ୍ରହଣକାରୀମାନେ ନିଜର ଗସ୍ତ ଖର୍ଚ୍ଚ ନିଜେ ବହନ କରିବେ । ପୁରୀର ବନ୍ଧୁମାନଙ୍କ ଦ୍ୱାରା ମଧ୍ୟ ଅଂଶଗ୍ରହଣକାରୀମାନଙ୍କ ନିମିତ୍ତ ସାଧାରଣ ଶୟନ କକ୍ଷ (ଡର୍ମିଟୋରୀ)ର ବ୍ୟବସ୍ଥା କରାଯାଇଅଛି । ଯେଉଁମାନେ ବ୍ୟୟସଂପନ୍ନ ହୋଟେଲ୍‌ରେ ବା ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପାଖରେ ଥିବା ଭକ୍ତ ନିବାସରେ ରହିବାକୁ ଇଚ୍ଛା କରିବେ ସେମାନେ ସ୍ୱ-ଖର୍ଚ୍ଚରେ ଅନ୍‌ଲାଇନ୍‌ରେ ବୁକିଂ କରିପାରିବେ । ଯେଉଁମାନେ ଏହି ବାର୍ଷିକ ଅଧିବେଶନରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ସେମାନେ ଆମକୁ ଡିସେମ୍ବର ମାସ ୩୦ ତାରିଖ ମଧ୍ୟରେ ଜଣାଇବେ ।

ଏହି ଅଧିବେଶନରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ଆପଣଙ୍କର
ଶ୍ରଦ୍ଧାନୁବଦ୍ଧ

ଜ୍ଞାନରଂଜନ ସ୍ୱାଇଁ
ସଂପାଦକ

ବିଜୟ ବହିଦାର
ସଭାପତି

**ଯୋଗାଯୋଗ :**

ବିଜୟ ବହିଦାର – ୯୯୩୭୯୭୨୪୭୦
ଜ୍ଞାନରଂଜନ ସ୍ୱାଇଁ – ୯୪୩୭୧୪୭୬୪୦
ସୁରେନ୍ଦ୍ର କୁମାର ଜେନା (ପୁରୀ) – ୯୪୩୯୧୪୩୩୪୫
(ଆବାହକ)
ଗବେଷଣାଚକ୍ର ୩୦ତମ ଅଧିବେଶନ